*This Question Paper contains 16 printed pages.*
***(Part - A & Part - B)***

Sl.No. 0100037

**09 (O)**

**(MARCH, 2018)**

| પ્રશ્ન પેપરનો સેટ નંબર જેની સામેનું વર્તુળ OMR શીટમાં ઘટ્ટ કરવાનું રહે છે. Set No. of Question Paper circle against which is to be darken in OMR sheet. |
|---|
| **01** |

**Part - A : Time : 1 Hour / Marks : 50**

**Part - B : Time : 2 Hours / Marks : 50**

## (Part - A)

***Time : 1 Hour]*** ***[Maximum Marks : 50***

ସୂଚନା :

1) ଏହି ପ୍ରଶ୍ନପତ୍ରରେ ମୋଟ ୫୦ଟି ପ୍ରଶ୍ନ ରହିଛି ।
2) ପ୍ରତ୍ୟେକ ପ୍ରଶ୍ନପାଇଁ ଚାରୋଟି ଲେଖାଏଁ ବିକଳ୍ପ ଉତ୍ତର ଦିଆଯାଇଛି ।
3) ଠିକ୍ ଉତ୍ତର ପାଇଁ **O.M.R.** ରେ ● କରନ୍ତୁ ।
4) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୧ ମାର୍କ ଲେଖାଏଁ ରହିଛି ।
5) ପ୍ରତ୍ୟେକ ପ୍ରଶ୍ନର ଉତ୍ତର **O.M.R.** ରେ ● କରିବା ବାଧ୍ୟତାମୂଳକ ଅଟେ ।

---

**1** ଏକ ପଦରେ ଲେଖ :

ରାବଣଙ୍କ ପୁତ୍ର ।

(A) ରାବଣୀ ।

(B) ରାବଣି ।

(C) ରାବଣାୟ ।

(D) ରାବାଣୀ ।

**2** ''ମାନଗୋବିନ୍ଦଙ୍କ ମହାନତା'' କବିତା ଅନୁସାରେ କିଏ ଅଧୈର୍ଯ୍ୟ ହୋଇପଡ଼ିଥିଲେ ?

(A) ଭୀମ ।

(B) ସହଦେବ ।

(C) ମାନଗୋବିନ୍ଦ ।

(D) ଶକୁନି ।

3 ଚାର ଅର୍ଥାତ୍ କ'ଣ ?

(A) ଚୋର ।

(B) ଠକ ।

(C) ଧାର୍ମିକ ।

(D) ଦୂତ ।

11

4 ରାବଣ ଅଙ୍ଗଦ ନିକଟଙ୍କୁ କ'ଣ ପଠାଇଥିଲା ?

(A) ଜଳଖିଆ ।

(B) ଔଷଧ ।

(C) ସନ୍ଦେଶ ।

(D) ବିଷ ।

5 ଚନ୍ଦ୍ରଚୂଡ଼ କିଏ ?

(A) ବ୍ରହ୍ମା ।

1 (B) ଶିବ ।

(C) ଗଣେଶ ।

(D) ବିଷ୍ଣୁ ।

6 ଗିରି ଅର୍ଥାତ୍ କ'ଣ ?

(A) ଜଳ ।

(B) ସ୍ଥଳ ।

(C) ଆକାଶ ।

(D) ପାହାଡ଼ ।

7 ବାଲ୍ମିକି ଆଶ୍ରମରେ କିଏ ସଙ୍ଗୀତ ଗାଉଥିଲା ?

(A) ଭ୍ରମର ।

(B) ମଶା ।

(C) ସମୀର ।

(D) କଳିଙ୍ଗ ।

8 ନୀହାର ଅର୍ଥାତ୍ କ'ଣ ?

(A) ସିନ୍ଦୁର ।

(B) ମୁକ୍ତା ।

(C) ଶିଶିର ।

(D) ପଦ୍ମ ।

9 କବି କ'ଣ ଲୁପ୍ତ ହେବାପାଇଁ କହିଛନ୍ତି ?

(A) ଜାତି ଉପଜାତି ।

(B) ପାପ ।

(C) ଠକ ।

(D) ଭ୍ରଷ୍ଟାଚାର ।

10 କେଉଁଟି ତିମିରର ପ୍ରତିଶବ୍ଦ ?

(A) ସନ୍ଧ୍ୟା ।

(B) କଳା ।

(C) ରାତ୍ରି ।

(D) ଅନ୍ଧାର ।

11 କେଉଁଠି ହଜିଛି ଦିଏ ମୋର __________ ର ଚାବିକାଠି ।

(A) ପ୍ରେରଣା ।

(B) ଭାବନା ।

(C) ଛେତନ ।

(D) ଚେ଼ତନ ।

12 କେଉଁ ପକ୍ଷୀର ଡ଼ାକଶୁଣି ଦେହରେ ଭାବନା ସୃଷ୍ଟି ହୁଏ ?

(A) କୋଇଲି ।

(B) ଶାଗୁଣା ।

(C) ବଗ ।

(D) ଚି଼ଲ ।

13 ଗ୍ରାମଟିଯାକ କେଉଁ ଅତିଥିରେ ପରିପୂର୍ଣ୍ଣ ?

(A) ବୁଢ଼ା ।

(B) ନୌକରୀ ।

(C) ନବାଗତ ।

(D) ସମାଜବାଦୀ ।

14 ମଥୁରା ଠାରୁ ଦ୍ୱାରିକା କିଏ ଜୟ କରିଥିଲେ ?

(A) କଂସାସୁର ।

(B) ବାଣାସୁର ।

(C) ଶ୍ରୀରାମଚନ୍ଦ୍ର ।

(D) ଶ୍ରୀକୃଷ୍ଣ ।

**15** ପ୍ରାଣୀ ବିଜ୍ଞାନ କେଉଁ ବିଜ୍ଞାନରେ ଅନ୍ତର୍ଭୁକ୍ତ ?

(A) ପଦାର୍ଥ ।

(B) ରସାୟନ ।

(C) ଉଦ୍ଭିଦ ।

(D) ଜୀବ ।

**16** ଭାରତର ବୈଶିଷ୍ଟ୍ୟ ତା'ର କ'ଣ ?

(A) ଆଧ୍ୟାତ୍ମିକ । (B) ଶାରିରୀକ ।

(C) ମାନସିକ । (D) ପୌରାଣିକ ।

**17** ନିଜକୁ ପ୍ରକାଶ କରିବାପାଇଁ କିଏ ସବୁଠାରୁ ସହଜ ?

(A) ହିନ୍ଦି ।

(B) ମାତୃଭାଷା ।

(C) ଫରାସି ।

(D) ଇଁରାଜି ।

**18** ଗଣତନ୍ତ୍ରର ମୂଳମନ୍ତ୍ର କହିଲେ କ'ଣ ବୁଝ ?

(A) ଦୀକ୍ଷା । (B) ଶାସନ ।

(C) ଶିକ୍ଷା । (D) ଶୋଷଣ ।

**19** ମହାନ୍ କର୍ମ କିଏ ସମ୍ପାଦନ କରେ ?

(A) ଭଗବାନ ।

(B) ମଣିଷ ।

(C) ରାକ୍ଷସ ।

(D) ସାଧୁ ।

20 ମଣିଷର ପ୍ରକୃତ ଶତ୍ରୁ କିଏ ?

(A) ଧନ ।

(B) ଧର୍ମ ।

(C) ମାଓବାଦୀ ।

(D) ଦାରିଦ୍ର୍ୟ ।

21 ସବୁଜ ଯୁଗ ପରେ କେଉଁ ଯୁଗ ଥିଲା ?

(A) କଳିଯୁଗ ।

(B) ପ୍ରଗତି ଯୁଗ ।

(C) ସତ୍ୟବାଦୀ ଯୁଗ ।

(D) ଅନନ୍ତ ଯୁଗ ।

22 ''ଉଷା'' କାହାର କୃତି ?

(A) ରାଧାନାଥ ରାୟ ।

(B) ରାଧାନାଥ ଦାସ ।

(C) ରାଧାନାଥ ସାହୁ ।

(D) ରାଧାନାଥ ପଣ୍ଡା ।

23 ''ମାମୁଁ'' କାହାର କୃତି ?

(A) ଭୀମା ଭୁୟାଁ ।

(B) ଫକିର ମୋହନ ସେନାପତି ।

(C) ବିବେକା ନନ୍ଦ ।

(D) ହରି ବଂଶରାୟ ବଚ୍ଚନ ।

24 କେଉଁଟି ଗୋପାଳ ଚନ୍ଦ୍ର ପ୍ରହାରାଜ ଙ୍କ କୃତି ?

(A) ତୁମ ଘରର ହାଲ୍‌ଚାଲ ।
(B) ବାଆକୁ ବତା ।
(C) ଆମ ଘରର ହାଲଚାଲ ।
(D) ପୁଅ ମୋର କଳା ଠାକୁର ।

25 ''ପଦ୍ମମାଳୀ'' କେବେ ପ୍ରକାଶ ପାଇଥିଲା ?

(A) 1885 AD ।
(B) 1886 AD ।
(C) 1887 AD ।
(D) 1888 AD ।

26 ''କାଠ ଘୋଡ଼ା'' କାହାର କୃତି ?

(A) ୱିଲିୟମ୍ ସେକ୍ସପିଅର୍ ।
(B) ଆରିଷ୍ଟୋଟେଲ୍ ।
(C) ଗୋପବନ୍ଧୁ ଦାସ ।
(D) ନରେନ୍ଦ୍ର ମୋଦି ।

27 ମିଶ୍ର ବାବୁ ଜଣେ ଅସାଧାରଣ ____________ ବ୍ୟକ୍ତି ।

(A) ଶକ୍ତିଶାଳୀ ।
(B) ମଦ୍ୟପ ।
(C) ପ୍ରତିଭାବାନ ।
(D) କୁ ସଂସ୍କାର ।

28 କିଏ ଖୁସିରେ ଚିତ୍କାର କରିଥିଲେ ?

(A) ମିଶ୍ରବାବୁ ।
(B) ଜୟଦେବ ।
(C) ଲୋଚ଼ନ ।
(D) ମହେଶ୍ୱର ।

29 ଅଙ୍ଗଦ ଚୌଧୁରୀ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ?

(A) ବନାରସ ।

(B) ବାଣି ବିହାର ।

(C) ନାଳନ୍ଦା ।

(D) ମଦନମୋହନ ମାଳବ୍ୟ ।

30 କେଉଁ ନଦୀ କୂଳରେ କଳିଙ୍ଗଯୁଦ୍ଧ ହୋଇଥିଲା ।

(A) ଗୋଦାବରୀ ।

(B) ଗଙ୍ଗା ।

(C) ଦୟା ।

(D) ଗୟା ।

31 ଗାଁ ମୁଣ୍ଡରେ କାହାର ବାଉଁଶବାଡ଼ି ରହିଛି ?

(A) ବାଇ ମହାନ୍ତି ।

(B) ଅରବିନ୍ଦ କେଜରିବାଲା ।

(C) ଭିକାରୀ ବଳ ।

(D) ବନ୍ଧୁ ଷଡ଼ଙ୍ଗୀ ।

32 ହରି ଗୁଡ଼ିଆର ଦୋକାନ ଘର କିପରି ଥିଲା ?

(A) ଇଟା ଘର ।

(B) ଟିଣ ଘର ।

(C) ଝାଟିମାଟିର କାଛର ଘର ।

(D) ଅମରି ଗଛର ଘର ।

33 ଇନ୍ଦ୍ରଙ୍କ ପାଖରୁ କ'ଣ ଆଣିବାକୁ ସୁନ୍ଦ କହିଛି ?

(A) ଶଚ୍ଚୀ ।

(B) ସାବିତ୍ରୀ ।

(C) ସୀତା ।

(D) ଇନ୍ଦ୍ରାଣି ।

**34** ପବନ କାହାକୁ ପିତାମହ ବୋଲି କହିଥିଲେ ?

(A) ବିଷ୍ଣୁ ।

(B) ବରୁଣ ।

(C) ଇନ୍ଦ୍ର ।

(D) ବ୍ରହ୍ମା ।

**35** କେଉଁ ଗଣ୍ଡରେ ସୂର୍ଯ୍ୟ ମନ୍ଦିର ତିଆରି କରାଯାଇଥିଲା ?

(A) ଶଙ୍ଖ ତୋଳା ।

(B) ଚକ୍ର ତୋଳା ।

(C) ଗଦା ତୋଳା ।

(D) ପଦ୍ମ ତୋଳା ।

**36** ଛାମୁ ସୌନ୍ଦର୍ଯ୍ୟର ପୂଜାରୀ ବୋଲି କିଏ କହିଛନ୍ତି ?

(A) ନରସିଂହ ।

(B) ଶିବେଇ ।

(C) ଧରମା ।

(D) ବିଶୁ ।

**37** ''ଖାଇବା'' କେଉଁ ଶବ୍ଦ ?

(A) କର୍ତ୍ତା ।

(B) କ୍ରିୟା ।

(C) କର୍ମ ।

(D) ଅବ୍ୟୟ ।

38 ବାକ୍ୟର ରୂପ କେତେ ପ୍ରକାରର ?

(A) 5 ।

(B) 6 ।

(C) 7 ।

(D) 8 ।

39 ଗଠନମୂଳକ ବାକ୍ୟ କେତେ ପ୍ରକାରର ?

(A) 5 ।

(B) 6 ।

(C) 7 ।

(D) 4 ।

40 ''ପ୍ରସାଦ''ରେ ଥିବା ବର୍ଣ୍ଣ ସଂଖ୍ୟା କେତେ ?

(A) 6 ।

(B) 7 ।

(C) 8 ।

(D) 9 ।

41 ''ଅବସର୍ଣ୍ଣ''ର ଶୁଦ୍ଧରୂପ ଲେଖ ।

(A) ଅବଶର୍ଣ୍ଣ ।

(B) ଅବଷଣ୍ଣ ।

(C) ଅବସନ ।

(D) ଅବସନ୍ନ ।

42 ''ଯନ୍ତୁପତି'' ର ଶୁଦ୍ଧରୂପ ଲେଖ ।

(A) ଯନ୍ତୂପତି । (B) ଯନ୍ତୁପତୀ ।

(C) ଜନ୍ତୁପତି । (D) ଜନ୍ତୁପତୀ ।

43 ''ଛୁଞ୍ଚମାଛି ପରୀକ୍ଷା'' ରୂଢ଼ିର ଅର୍ଥ କ'ଣ ?

(A) ଆପ୍ରାଣ ଚେଷ୍ଟା କରିବା । (B) ଟିକିନିଖି ଭାବେ ଦେଖିବା ।

(C) ଦାୟିତ୍ୱ ନେବା । (D) ଭାଗ୍ୟଫଳ ।

44 ''ଝିମିଟି ଖେଳରୁ ମହାଭାରତ'' ର ଅର୍ଥ କ'ଣ ?

(A) କଷ୍ଟ ଅର୍ଜିତ ।

(B) ସାମାନ୍ୟ ଘଟଣାରୁ ଭୟଙ୍କର ଘଟଣା ହେବା ।

(C) ମନ୍ଦ ଭାଗ୍ୟ ।

(D) ଅତି ବିଶ୍ୱାସ ।

45 ''ଏକା ମାଘରେ ଶୀତ ଯାଏ ନାହିଁ ।'' ର ଅର୍ଥ କ'ଣ ?

(A) ଅସମ୍ଭବ କଥା କଳ୍ପନା କରିବା ।

(B) ନିଜେ ସମର୍ଥ ହେବା ।

(C) ଦୁର୍ଯ୍ୟୋଗ କେବଳ ଥରେ ଆସେ ନାହିଁ ।

(D) ଦୃଢ଼ ବଚନ ।

46 ''ବସି ଖାଇଲେ ନଇବାଲି ସରେ'' ଅର୍ଥ କ'ଣ ?

(A) ଉଭୟ କ୍ଷଣସ୍ଥାୟୀ ।

(B) ଗୁପ୍ତକଥା ପ୍ରକାଶ କରିବା ।

(C) ଆଳସ୍ୟ ସର୍ବନାଶ କରେ ।

(D) ଅସମ୍ଭବ କଥା କହିବା ।

47 ''ବଙ୍ଗଳାଶ୍ରୀ'' ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

(A) 12 ।

(B) 20 ।

(C) 9 ।

(D) 14 ।

48 ''ରାମକେରୀ'' ଛନ୍ଦ କେତେ ପାଦରେ ଗୋଟିଏ ପଦ ହୁଏ ?

(A) 4 ।

(B) 2 ।

(C) 9 ।

(D) 3 ।

49 ଅଳଙ୍କାର କେତେ ପ୍ରକାରର ?

(A) 3 ।

(B) 4 ।

(C) 5 ।

(D) 2 ।

50 ଉପମାନ ଏବଂ ଉପମେୟ ମଧ୍ୟରେ ଅଭେଦ କଳ୍ପିତ ହେଲେ କେଉଁ ଅଳଙ୍କାର ହୁଏ ?

(A) ଯମକ ।

(B) ରୂପକ ।

(C) ଶ୍ଳେଷ ।

(D) ଅନୁପ୍ରାସ ।

# 09 (O)

**(MARCH, 2018)**

## (Part - B)

*Time : 2 Hours]* *[Maximum Marks : 50*

ସୂଚନା :

1) ଏହି ପ୍ରଶ୍ନପତ୍ରରେ ମୋଟ ୪ ଟି ବିଭାଗ ରହିଛି ।
2) ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତା ମୂଳକ ଅଟେ ।
3) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।
4) ପ୍ରତ୍ୟେକ ପ୍ରଶ୍ନର ଦକ୍ଷିଣ ପାର୍ଶ୍ୱରେ ମୂଲ୍ୟାଙ୍କନ ଦର୍ଶାଇ ଦିଆଯାଇଛି ।
5) ପ୍ରତ୍ୟେକ ବିଭାଗରେ ଉତ୍ତର ନୂତନ ପୃଷ୍ଠାରେ ଲେଖିବେ ।

### ବିଭାଗ - କ

(ପଦ୍ୟ)

1) ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ୧ଟି ର ଉତ୍ତର ପ୍ରାୟ ୧୦୦ଟି ଶବ୍ଦରେ ଲେଖ । [5]

କ) ''ଜାଗ ବନ୍ଧନହର'' କବିତାରେ ବନ୍ଧନରାଜିକୁ ଛିନ୍ନ କରିବା ପାଇଁ କବି ଦେଇଥିବା ଆହ୍ୱାନ କୁ ବିଶ୍ଳେଷଣ କର ।

ଖ) ମାଟି 'ସର୍ବଂସହା' ଏହାର ଯଥାର୍ଥତା ପ୍ରତିପାଦନ କର ।

2) ଯେ କୌଣସି ୧ଟି ର ସପ୍ରସଙ୍ଗ ସରଳାର୍ଥ ଲେଖ । [4]

କ) ''ଦେବା ପାଇଁ ନବ ଜୀବନ,
ସ୍ୱର୍ଗୁକି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ ?''

ଖ) ''ଜନମ କାଳୁଯେ ଦେହେତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷସିନା
କ୍ଷମି ଅଛୁ ଏକା ତୁହି ।''

3) ଯେ କୌଣସି ୨ଟି ର ଉତ୍ତର ସଂକ୍ଷେପରେ ଲେଖ । [2]

କ) ଦୁର୍ଯ୍ୟୋଧନ ଅତ୍ୟନ୍ତ ଖୁସିହେଲେ କାହିଁକି ?

ଖ) ସମୁଦ୍ର ତରିବା ନିମନ୍ତେ ରାଘବ କ'ଣ ପାଞ୍ଚିଥିଲେ ।

ଗ) ହ୍ରଦ ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭା ପାଉଛି ।

## ବିଭାଗ - ଖ

### (ଗଦ୍ୟ)

4) ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ୧ଟି ର ଉତ୍ତର ପ୍ରାୟ ୧୦୦ଟି ଶବ୍ଦରେ ଲେଖ । [5]

କ) 'ସଭ୍ୟତା ଓ ବିଜ୍ଞାନ ପରସ୍ପର ଆଶ୍ରୟୀ' – ଏହାର ଯଥାର୍ଥତା ନିଜର ଅନୁଭୂତିରୁ ଲେଖ ।

ଖ) ବିବେକାନନ୍ଦଙ୍କର ଭାରତ ପରିଭ୍ରମଣରେ ଉଦ୍ଦେଶ୍ୟ ଓ ପରିଣତି ଆଲୋଚ଼ନା କର ।

5) ଯେ କୌଣସି ୧ଟି ର ସପ୍ରସଙ୍ଗ ସରଳାର୍ଥ ଲେଖ । [4]

କ) ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏ ନାହିଁ ।

ଖ) ''ସମୟ ସ୍ରୋତରେ ନିଃସହାୟ ଶୁଷ୍କତୃଣ ପରି ମୁଁ ଭାସି ଚ଼ାଲୁଛି ।''

6) ଯେ କୌଣସି ୨ଟି ର ଉତ୍ତର ସଂକ୍ଷେପରେ ଲେଖ । [2]

କ) ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଏ ।

ଖ) କୁନ୍ତଳା କୁମାରି ସାବତଙ୍କର ତିନୋଟି ମୁଖ୍ୟ କୃତିର ନାମ ଲେଖ ।

ଗ) ସତ୍ୟବାଦୀ ବନ ବିଦ୍ୟାଳୟରେ କେଉଁମାନେ ଶିକ୍ଷକ ଥିଲେ ।

## ବିଭାଗ - ଗ

### (ଗଳ୍ପ ଓ ଏକାଙ୍କିକା ଓ ଭାବସମ୍ପ୍ରସାରଣ)

7) ଯେ କୌଣସି ୨ଟି ର ଉତ୍ତର ଅତିକମ୍‌ରେ ୨୦ଟି ଶବ୍ଦରେ ଲେଖ । [4]

କ) ମଣିଷମାନେ ସଂସାର ବନ୍ଧନ କହିଲେ କ'ଣ ବୁଝନ୍ତି ?

ଖ) ରାଜେଶ୍ୱରୀଙ୍କ ଚ଼ରିତ୍ରରେ କି କି ବିଶେଷତା ପରିଲକ୍ଷିତ ?

ଗ) ପ୍ରାଣୀଜଗତର ନିୟମ କ'ଣ ବୋଲି ଗଳ୍ପରେ କୁହାଯାଇଛି ।

8) ଯେ କୌଣସି ୧ଟିର ଉତ୍ତର ୩୦ଟି ଶବ୍ଦରେ ଲେଖ । [2]

କ) ସୁନ୍ଦ ଏବଂ ଉପସୁନ୍ଦଙ୍କୁ ବ୍ରହ୍ମା କି ବର ପ୍ରଦାନ କଲେ ।

ଖ) ଶିଳ୍ପୀମାନେ ଧରମାକୁ ଶେଷ କରିଦେବାକୁ ଚ଼ାହିଁବାର କାରଣ କ'ଣ ।

9) ଯେ କୌଣସି ୧ଟି ର ଭାବ ସଂପ୍ରସାରଣ କର । [4]

କ) କର୍ମର ଫଳ ମନୁଷ୍ୟ ଅବଶ୍ୟ ଭୋଗିବାକୁ ପଡ଼େ ।

ଖ) ଭୋକ ଦେଖି ଭିକ ଦିଆଯିବା ଉଚ଼ିତ ।

ଗ) ତୁଣ୍ଡ ବାଇଦ ସହସ୍ର କୋଶ ।

10) ଯେ କୌଣସି ୧ଟି ର ଭାବାର୍ଥ ଲେଖ । [4]

କ) ବିଦ୍ୟା ମହାବଳ ବିଦ୍ୟା ମହାମିତ୍ର
ବିଦ୍ୟା ଅଟେ ମହାଧନ
ଜଗତେ ବିଦ୍ୱାନ ଲଭଇ ଅମୃତ
ମୁର୍ଖ ପାଏ ଅପମାନ ।

ଖ) କାଷ୍ଠ ପାଷାଣ ତରୁ, ତୃଣ
ସକଳେ ଦେହେ ନାରାୟଣ ।

ଗ) ବାଇ ଚଢ଼େଇରେ ତୋର କି ଯାଏ,

ବାଆ କଲେ ବସା ଦୋହଲୁଥାଏ ।

## ବିଭାଗ - ଘ

### (ପ୍ରବନ୍ଧ ଓ ପତ୍ରଲେଖନ)

11) ଯେ କୌଣସି ୧ଟି ର ପ୍ରବନ୍ଧ ପ୍ରାୟ ୨୦୦ଟି ଶବ୍ଦରେ ଲେଖ । [8]

କ) କମ୍ପ୍ୟୁଟର

ସୂଚନା:- (୧) ଉପକ୍ରମ (୨) ଉପଦେୟତା (୩) ମନୁଷ୍ୟର ଅଗ୍ରଗତି (୪) ଉପସଂହାର ।

ଖ) ଯଦି ମୁଁ ଭାରତର ପ୍ରଧାନମନ୍ତ୍ରୀ ହୋଇଥାନ୍ତି ।

ସୂଚନା:- (୧) ଉପକ୍ରମ (୨) କାର୍ଯ୍ୟବଳୀ (୩) ଜନ ସଚେତନତା (୪) ଉପସଂହାର ।

ଗ) ଛାତ୍ର ଜୀବନ

ସୂଚନା:- (୧) ଉପକ୍ରମ (୨) କର୍ତ୍ତବ୍ୟ (୩) ସାର୍ଥକ ଜୀବନ (୪) ଉପସଂହାର ।

12) ଯେ କୌଣସି ୧ଟି ର ପତ୍ର/ଦରଖାସ୍ତ ଲେଖ । [6]

କ) ଗ୍ରୀଷ୍ମଛୁଟି ପରେ କ'ଣ କରିବ ସାଙ୍ଗ ନିକଟଙ୍କୁ ଏକ ପତ୍ର ଲେଖ ।

ଖ) ତୁମ ଗ୍ରାମର ପାନୀୟ ଜଳ ଯୋଗାଣ ପାଇଁ କର୍ତ୍ତୃପକ୍ଷ ନିକଟଙ୍କୁ ଏକ ପତ୍ର ଲେଖ ।

ଗ) ତୁମ ଅଞ୍ଚଳର ରାସ୍ତାଘାଟ ସଫାସୁତରା ରଖିବା ପାଇଁ ଆବଶ୍ୟକୀୟ ବିଭାଗୀୟ କର୍ତ୍ତୃପକ୍ଷ ନିକଟଙ୍କୁ ଏକ ଆବଶ୍ୟକ ପତ୍ର ଲେଖ ।